# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ସା/ପୋ.ଅ.-ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭ (ଓଡ଼ିଶା)
ଫୋନ୍-

# MAA TARINI THAKURANI TEMPLE TRUST

At/Po.: Ghatgaon, Dist-Keonjhar-758027 (Odisha)
Phone-

website-www.maatarini.co.in Email- maatarini.ghatgaon@gmail.com


ଚିଠି ନଂ. Letter No.: 379 ତାରିଖ Date: 11.8.2023

## ଟେଣ୍ଡର ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ୨୦୨୩-୨୪ବର୍ଷ (ସେପ୍ଟେମ୍ବର-୨୦୨୩ ଠାରୁ ଅଗଷ୍ଟ-୨୦୨୪ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୧୨୦୦/-(ବାର ଶହ) ଟଙ୍କା ମାତ୍ର ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ଦିବା ୧୦ଘ. ଠାରୁ ଦିବା ୧ଘ. ଓ ଦିବା ୪ଘ. ଠାରୁ ସଂନ୍ଧ୍ୟା ୬ଘ. ମଧରେ ତା.୧୪.୦୮.୨୦୨୩ରିଖ ଠାରୁ ତା.୧୯.୦୮.୨୦୨୩ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ମନ୍ଦିର ପ୍ରଶାସନ ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବ୍‌ସାଇଟ୍‌ରେ ଦେଖିପାରିବେ ।

| ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|
| ତା.୨୦.୦୮.୨୩ରିଖ ରିଖ ଦିବା ୧୧ଘ. | ତା.୨୦.୦୮.୨୩ରିଖ ଦିବା ୧୧ଘ.୩୦ମି. |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ମାନସିକ ନଡିଆ କତାଛଡା ମଜୁରୀ ଓ ଭୋଗ ନଡିଆ ବିକ୍ରି (ସେପ୍ଟେମ୍ବର-୨୦୨୩ ଠାରୁ ଅଗଷ୍ଟ-୨୦୨୪) | ଟ.୩.୭୬/- ଗୋଟା ପ୍ରତି (ଛୋଟ, ମଧ୍ୟମ,ବଡ,ଖରାପ) | ଟ.୩,୭୦,୦୦୦/- |

Sd/- 11/8/2023

 କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।

# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
## ଘଟଗାଁ, କେନ୍ଦୁଝର ।

### ଟେଣ୍ଡର ନିୟମାବଳୀ ୨୦୨୩-୨୪(ସେପ୍ଟେମ୍ବର-୨୦୨୩ ଠାରୁ ଅଗଷ୍ଟ-୨୦୨୪ ପର୍ଯ୍ୟନ୍ତ)

୧- ଓଡିଶା ହିନ୍ଦୁ ଦେବୋତ୍ତର ଆଇନ ଅନୁଯାୟୀ ମନ୍ଦିରରେ ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ । ଏହି ଟେଣ୍ଡରରେ କେବଳ ହିନ୍ଦୁ ଧର୍ମର ବ୍ୟକ୍ତି ଆବେଦନ କରିପାରିବେ ।

୨-ଅମାନତ ରାଶି ଦେୟ "ମା' ତାରିଣୀ ଠାକୁରାଣୀ" ଘଟଗାଁ ଙ୍କ ନାମେ ବ୍ୟାଙ୍କଡ୍ରାଫ୍ଟ ଆକାରରେ କରି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ବ୍ୟାଙ୍କଡ୍ରାଫ୍ଟ ପଛପାର୍ଶ୍ୱରେ ଆବେଦନକାରୀ ପୂରା ଦସ୍ତଖତ କରିବେ । ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ଟେଣ୍ଡର ଅବଧି ସମାପ୍ତ ପରେ ମନ୍ଦିର କର୍ତ୍ତୃପକ୍ଷ ଠାରୁ  ସେ ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ୍ ଦେବା ପରେ ତାଙ୍କର ଅମାନତ ରାଶି ଫେରସ୍ତ ପାଇବେ । ପୂର୍ବରୁ ଦାଖଲ କରିଥିବା ଅମାନତ ରାଶି ଏହି ଟେଣ୍ଡର ପ୍ରକ୍ରିୟାରେ ଆଡଜଷ୍ଟମେଣ୍ଟ୍ ହେବ ନାହିଁ ।

୩- ଏକକ ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ । ଅତି କମ୍‌ରେ ଦୁଇଟି ଟେଣ୍ଡର ପଡିଥିଲେ ତାହା ବିଚାରକୁ ନିଆଯିବ । ମାତ୍ର ଟେଣ୍ଡର ନିୟମ ଅନୁସାରେ ସମସ୍ତ ମାନଦଣ୍ଡ ଯଥା:-ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ, ଆବଶ୍ୟକୀୟ ଟାକ୍ସ ସମ୍ବନ୍ଧୀୟ ସାର୍ଟିଫିକେଟ୍ ଓ ଟେଣ୍ଡର ନିୟମ ଅନୁଯାୟୀ ମଗାଯାଇଥିବା ସମସ୍ତ ଦସ୍ତାବିଜ୍ ସଂଯୋଗ କରି ଆବେଦନ କରିପାରିବେ ।

୪- ମନ୍ଦିର ବିରୁଦ୍ଧରେ ଆଇନ୍‌ର ଆଶ୍ରୟ ନେଇଥିବା ବ୍ୟକ୍ତି/କଳା ତାଲିକାଭୁକ୍ତ ବ୍ୟକ୍ତି ବା ଅନୁଷ୍ଠାନ ଓ ପୂର୍ବରୁ ଟେଣ୍ଡର ଖିଲାପ କରିଥିବା ବ୍ୟକ୍ତି ଓ ସଂପର୍କୀୟ ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

୫- ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ଟେଣ୍ଡର ଚୂଡାନ୍ତ ହେବା ଦିନ ଠାରୁ ୩(ତିନି) ଦିନ ମଧ୍ୟରେ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡେଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବା ପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।

୬- ମାନସିକ ନଡିଆ କତା ଛଡାଇବା ମୂଲ୍ୟକୁ ଭୋଗ ନଡିଆର କ୍ରୟ ମୂଲ୍ୟରୁ ବାଦ୍ କରାଯାଇ ଅପ୍‌ସେଟ୍ ପ୍ରାଇସ୍ ନିର୍ଦ୍ଧାରଣ କରାଯାଇଥିବାରୁ ମାନସିକ ନଡିଆ କତାଛଡା ବାବଦରେ କୌଣସି ମୂଲ୍ୟ ଦିଆଯିବ ନାହିଁ । ଟେଣ୍ଡରଧାରୀ ତାହା ସିଧାସଳଖ କତା ଛଡାଇବା ବ୍ୟକ୍ତିଙ୍କୁ ଅସୁଲ କରାଇବେ ।

୭- ୨୦୨୩-୨୪ବର୍ଷ ମଧରେ ଆସିବାକୁ ଥିବା ସମସ୍ତ ନଡିଆକୁ କ୍ରୟ କରିବା ନିମନ୍ତେ ଆନୁମାନିକ ୪୩,୮୦,୦୦୦ଗୋଟା ନଡିଆର ଟେଣ୍ଡର ମୂଲ୍ୟ ଅନୁସାରେ ହିସାବ କରାଯାଇ ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ସେ ଉକ୍ତ ଅର୍ଥକୁ ପୋଷ୍ଟ ଡେଟେଡ୍ ଚେକ୍ ମାଧମରେ ଅଗ୍ରୀମ ପ୍ରଦାନ କରିବେ । ଟେଣ୍ଡରଧାରୀ ସମସ୍ତ ମାନସିକ ନଡିଆ ଗୁଡିକର କତା ଛଡାଇବା ବ୍ୟବସ୍ଥା ନିଜେ କରିବେ । ଏଥିପାଇଁ କୌଣସି ମୂଲ୍ୟ ଟ୍ରଷ୍ଟବୋର୍ଡ ତରଫରୁ ଦିଆଯିବ ନାହିଁ । ଦୈନିକ ଯେଉଁ ମାନସିକ ନଡିଆ (ଛୋଟ, ମଧମ, ବଡ, ଖରାପ) ଗୁଡିକ ଆସିବ ତାହା ଟେଣ୍ଡରଧାରୀ ଗ୍ରହଣ କରିବେ ଓ କୌଣସି ଆପତ୍ତି କରିବେ ନାହିଁ । ମାସକ ମଧରେ ଯେତିକି ପରିମାଣର ନଡିଆ ଆସିବ ତାହା ସେହି ମାସକ ମଧରେ କ୍ରୟ କରିବେ । ଏଥିରେ ଖିଲାପ କଲେ ପରବର୍ତ୍ତୀ ମାସରେ ଟେଣ୍ଡର ନାକଚ କରାଯିବ । ଦୈନିକ କ୍ରୟ କରିଥିବା ନଡିଆର ମୂଲ୍ୟକୁ ସେହିଦିନ ଦାଖଲ କରିବେ । ଏଥିରେ ଖିଲାପ କଲେ ପୋଷ୍ଟ ଡେଟେଡ୍ ଚେକ୍‌କୁ ବ୍ୟାଙ୍କରେ ଜମା କରାଯାଇ ଉକ୍ତ ଅର୍ଥକୁ ଭରଣା କରାଯିବ । ଯଦି ନିର୍ଦ୍ଧାରିତ ମୂଲ୍ୟ ଓ ତାରିଖରେ ଉକ୍ତ ନଡିଆ କ୍ରୟ ନ କରନ୍ତି ତେବେ ଅମାନତ ରାଶି ବ୍ୟାଜାପ୍ତି କରାଯାଇ ଏହି ଟେଣ୍ଡର ଆଦେଶ ରଦ୍ଦ କରାଯିବ । ଟେଣ୍ଡର ପାଇଥିବା ବ୍ୟକ୍ତି ୨୦୨୩-୨୪ବର୍ଷ  ଆସିଥିବା ନଡିଆକୁ ତା.୦୧.୦୯.୨୦୨୩ରିଖ ଠାରୁ କ୍ରୟ କରିବେ ।

୮- ଆବେଦନ କରୁଥିବା ବ୍ୟକ୍ତି/ସଂସ୍ଥା ଭୋଗ ନଡିଆ ବ୍ୟବସାୟ ପାଇଁ ଟ୍ୟାକ୍ସ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟର ନକଲ ସହିତ ଟ୍ୟାକ୍ସ କ୍ଲିୟରାନ୍ସ କରିଥିବାର ପ୍ରମାଣପତ୍ର ଓ ସଲଭେନ୍ସି ସାର୍ଟିଫିକେଟ୍‌ର ନକଲ ଆବେଦନ ପତ୍ର ସହିତ ସଂଯୋଗ କରିବେ । ଟେଣ୍ଡର ମୂଲ୍ୟ ଉପରେ ୧୦% ଯୋଗ କରି ଭକ୍ତଙ୍କୁ ଓ ୨୦% ଯୋଗ କରି ସ୍ଥାନୀୟ କୋରା ବ୍ୟବସାୟୀଙ୍କୁ ମାନସିକ ଭୋଗ ନଡିଆ ବିକ୍ରୟ କରିବେ । ଯଦି ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରୟ କରନ୍ତି ତେବେ ଆପଣ ଦେଇଥିବା ଅମାନତ ରାଶି ବ୍ୟାଜାପ୍ତି କରାଯାଇ ଏହି ଟେଣ୍ଡର ଆଦେଶ ରଦ୍ଦ କରାଯିବ ।

୯- ମନ୍ଦିର ପ୍ରଶାସନଙ୍କ ନିଷ୍ପତ୍ତି ଚୁଡାନ୍ତ ନିଷ୍ପତ୍ତି । ମନ୍ଦିର ପ୍ରଶାସନ ଚାହିଁଲେ ବିନା କୌଣସି କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ ।

D.I.E, Sambalpur-cum-Interim Trustee
Maa Tarini Thakurani Temple Trust
Ghatgaon, Keonjhar

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR